**ରାଇରଙ୍ଗପୁରରେ ମତ୍ସ୍ୟ ଚାଷୀ ମେଳା**

ରାଇରଙ୍ଗପୁର,(ମାନସ ରଞ୍ଜନ ମହାନ୍ତି): ରାଇରଙ୍ଗପୁର ଆଇଟିଡିଏ ସମ୍ମିଳନୀ କକ୍ଷରେ ଭାରତ ସରକାରଙ୍କ ଜନଜାତି ଉପଯୋଜନା ଆନୁକୁଲ୍ୟରେ ସିଫା ତରଫରୁ ମତ୍ସ୍ୟ ଚାଷୀ ମେଳା ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ଓ କୁସୁମୀ ବ୍ଲକର ୬୦ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷଣ ଶିବିରରେ ସିଫାର ମୁଖ୍ୟ ଡ. ଜିତେନ୍ଦ୍ର କୁମାର ସୁନ୍ଦରରାୟ, ଡ. ସଂଗ୍ରାମ କେତନ ସାହୁ, ଡ. ପ୍ରିୟବ୍ରତ ସ୍ୱାଇଁ, ଡ. ଖୁଣ୍ଟିଆ ମୁର୍ମୁ, ଡ. ଲକ୍ଷ୍ମଣ ସାହୁ, ରାଇରଙ୍ଗପୁର ସହକାରୀ ମତ୍ସ୍ୟ ଅଧିକାରିଣୀ ଶ୍ରଦ୍ଧାଞ୍ଜଳି ସାହୁ, ପ୍ରାଣୀ ଚିକିତ୍ସକ ଡ. ଦେବେନ୍ଦ୍ର ନାଥ ଯେନା ଯୋଗଦେଇ ଥିଲେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ, ଲୋକଙ୍କ ସମସ୍ୟା ବୁଝିଲେ

## ବାଲେଶ୍ୱରରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ

ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ବାହାନଗା (ଅରୂପ କୁମାର ଦାସ)/ସୋର (ଜନ୍ମେଜୟ ମିଶ୍ର), ୬।୧



ବାହାନଗାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଜଣେ ମହିଳା ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

ବାଲେଶ୍ୱର ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବାଲେଶ୍ୱର ପୋଲିସ ଲାଇନ୍ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ ପରେ ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ନୀଳଗିରି ଗସ୍ତରେ ଯାଇଥିଲେ। କେସି ହାଇସ୍କୁଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମଞ୍ଚ ପାଖରେ ଉପସ୍ଥିତ ଥିବା ମହିଳା ଏବଂ ମା'ମାନଙ୍କର ଆଶୀର୍ବାଦ ନେବା ସହ ବିଭିନ୍ନ ବ୍ୟକ୍ତିବିଶେଷଙ୍କଠାରୁ ଦାବିପତ୍ର ଗ୍ରହଣ କରି ଲୋକଙ୍କ ସହ ଆଲୋଚନା କରିଥିଲେ। ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଲୋକଙ୍କ ଆସ୍ଥା, ବିଶ୍ୱାସ ଅଧିକ ଦୃଢ଼ ହୋଇଛି। ଓଡ଼ିଶାବାସୀଙ୍କ ପାଇଁ ତାଙ୍କ ସମର୍ପଣ ବିଭିନ୍ନ ଉଦାହରଣ ସୃଷ୍ଟି କରିଥିବା କହିଥିଲେ। ଶେଷରେ ନୀଳଗିରି ମେଡ଼ିକାଲ ପରିସରରେ ଥିବା ମିଶନ ଶକ୍ତି କାଫେରେ ଭୋଜନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ବିଜେଡିର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ଜିଲ୍ଲା ବିଜେଡିର ଉପସଭାପତି ସନ୍ତୋଷ ଖଟୁଆ, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ, ଔପଦା ବ୍ଲକ ଅଧ୍ୟକ୍ଷା ବିସିବିମ୍ବା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପରେ ବାହାନଗା ଭେନସ ଇଞ୍ଜିନିୟରିଂ କଲେଜ ପଡ଼ିଆରେ ହେଲିକପ୍ଟରରୁ ଓହ୍ଲାଇ ସେଠାରୁ ବାହାନଗା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ସଭାସ୍ଥଳକୁ ଯାଇଥିଲେ। ଲୋକଙ୍କ ନିକଟକୁ ଯାଇ ସେମାନଙ୍କଠାରୁ ବିଭିନ୍ନ ଦାବି ବାବଦରେ ଦରଖାସ୍ତ ଗ୍ରହଣ କରି ୭ ଦିନ ମଧ୍ୟରେ ଆପଣମାନଙ୍କ ଅଭିଯୋଗଗୁଡ଼ିକ ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ତେବେ ଆଗକୁ ନିର୍ବାଚନ ଥିବାରୁ ଦଳୀୟ କର୍ମୀମାନଙ୍କୁ ଏକମନ ହୋଇ କାମ କରିବା ପାଇଁ କହିଥିଲେ। ବାହାନଗା ବିଡ଼ିଓ, ବାହାନଗା ତହସିଲଦାରଙ୍କ ସମେତ ଅନ୍ୟ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପାଖାପାଖି ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ସେଠାରୁ ଯାଇ ସୋର କଲେଜ ପଡ଼ିଆରେ ହେଲିକପ୍ଟର ଯୋଗେ ପହଞ୍ଚି ସଭାସ୍ଥଳକୁ ଯାଇଥିଲେ। ସୋର ବିଧାୟକ ପର୍ଶୁରାମ ଧଡ଼ା ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସଭାସ୍ଥଳରେ ପହଞ୍ଚିବା ପରେ ୫-ଟି ଅଧ୍ୟକ୍ଷ ଉପସ୍ଥିତ ମହିଳା ପୁରୁଷମାନଙ୍କ ନିକଟକୁ ଯାଇ ସେମାନଙ୍କଠାରୁ ବିଭିନ୍ନ ଉନ୍ନୟନମୂଳକ କାମ ବାବଦରେ ଦରଖାସ୍ତ ଗ୍ରହଣ କରିଥିଲେ। ସେହି ଦରଖାସ୍ତଗୁଡ଼ିକୁ ନେବା ପରେ ଆସନ୍ତା ୧୦ତାରିଖ ବେଳକୁ ସମସ୍ତ ଦାବି ପୂରଣ ହେବ ବୋଲି ପ୍ରକାଶ କରିଥିଲେ। ତେବେ ଯଦି ଗୋଟିଏ ପଞ୍ଚାୟତର ଏକକାଳୀନ ୩ରୁ ୪ଟି ମନ୍ଦିର ନିମନ୍ତେ ଦରଖାସ୍ତ ଆସିଥିବ ସେହି ପଞ୍ଚାୟତର ଗୋଟିଏ ମନ୍ଦିରକୁ ଅର୍ଥ ୬ ଦିନ ମଧ୍ୟରେ ପ୍ରଦାନ କରାଯିବ। ଅନ୍ୟ ମନ୍ଦିରଗୁଡ଼ିକୁ ପଛରେ ଅର୍ଥ ପ୍ରଦାନ କରାଯିବ। ସେହିପରି ମନ୍ଦିର, ମସଜିଦ୍, ଚର୍ଚ୍ଚ ଗୁଡ଼ିକର ଆସିଥିବା ଦାବି ବାବଦରେ ମଧ୍ୟ ଯଥାଶୀଘ୍ର ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଥିଲେ। ପରେ ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ୍ ମହିଳା ଓ ଛାତ୍ରୀଛାତ୍ରମାନଙ୍କ ପାଇଁ ୫ ଟଙ୍କାର ବ୍ୟବସ୍ଥା କରାଯିବା ସହିତ ସ୍ୱାସ୍ଥ୍ୟ ବୀମା ବାବଦରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଙ୍ଗନୱାଡ଼ି କର୍ମୀଙ୍କ ଦରମା ଓ ମିଶନ ଶକ୍ତିର ମା'ମାନଙ୍କ ପାଇଁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ବଡ଼ ନିଷ୍ପତ୍ତି ଘୋଷଣା କରିବେ । ସେହିପରି ମଧୁବାବୁ ପେନସନ ଯୋଜନାର ଅର୍ଥ ରାଶି ଖୁବ୍ ଶୀଘ୍ର ବଢ଼ାଯିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି କହିଥିଲେ। ସଭାସ୍ଥଳରେ ବାହାନଗା ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଓ ଉପାଧ୍ୟକ୍ଷା ବାସନ୍ତୀ ପତି, ସୋର ବ୍ଲକ ଅଧ୍ୟକ୍ଷା ଅନୁସୟା ମଲ୍ଲିକ, ବ୍ଲକ ସଭାପତି ଦୀପ୍ତିକାନ୍ତ ପଣ୍ଡା, ବାହାନଗା ବ୍ଲକ ବିଜେଡି ସଭାପତି ଅଜୟ କୁମାର ପଣ୍ଡା, ଗିରିଶ ଚନ୍ଦ୍ର ଦାଶ, ଯୋଗେଶ ଚନ୍ଦ୍ର ପତି, ସୋର ମ୍ୟୁନିସପାଲିଟିର ବିଜେଡି ସଭାପତି ସୁକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ପ୍ରାୟ ସାଢେ ୩ଟାରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ହେଲିକପ୍ଟର ଯୋଗେ ସୋରରୁ ଭୁବନେଶ୍ୱରକୁ ଫେରିଯାଇଥିଲେ।

# କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ : ୫-ଟି ଅଧ୍ୟକ୍ଷ

## ଜିଲ୍ଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ




ଦିବ୍ୟାଙ୍ଗଙ୍କୁ ବ୍ୟାଟେରି ଚାଳିତ ଗାଡ଼ି ପ୍ରଦାନ କରୁଛନ୍ତି ୫-ଟି ଅଧ୍ୟକ୍ଷ।

ବାଲେଶ୍ୱର,୬।୧(ମାନସ ବିଶ୍ୱାଳ)

ରାଜ୍ୟରେ ଯୁବଶକ୍ତିର ବିକାଶ ପାଇଁ ଓଡ଼ିଶା ସରକାରଙ୍କ ଅନ୍ୟତମ ପ୍ରୟାସ ଜିଲ୍ଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମ ବାଲେଶ୍ୱର ସହରସ୍ଥିତ ପୋଲିସ ଲାଇନ ପଡ଼ିଆରେ ଶନିବାର ଉଦ୍‌ଯାପିତ ହୋଇଛି। ସମଗ୍ର ଜିଲ୍ଲାରୁ ଆସିଥିବା ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦିବ୍ୟାଙ୍ଗଙ୍କ ନିମନ୍ତେ ୮୪ଟି ବ୍ୟାଟେରି ଚାଳିତ ଗାଡ଼ି ପ୍ରଦାନ କରିଥିଲେ। ପରେ ଜିଲ୍ଲାର ସମସ୍ତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ନୂଆ ଓଡ଼ିଶା ଗଠନରେ ଯୁବଶକ୍ତିର ଯୋଗଦାନ ପାଇଁ ପ୍ରେରଣା ଦେଇଥିଲେ।

ନୂଆ-ଓ କାର୍ଯ୍ୟକ୍ରମ ଯୁବତୀଯୁବକମାନଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି। ଏହାଦ୍ୱାରା ସେମାନେ ନିଜର ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିବା ସହିତ ସେମାନଙ୍କର ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶରେ ମଧ୍ୟ ସହାୟକ ହେବ। କଠିନ ପରିଶ୍ରମର କୌଣସି ବିକଳ୍ପ ନାହିଁ। ଏହାଦ୍ୱାରା ପାଠପଢ଼ାରେ ମଧ୍ୟ ସେମାନେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବେ। ବାଲେଶ୍ୱର ଜିଲ୍ଲାର ୧୩୬ଟି କଲେଜରେ ୫-ଟି ଅଧୀନରେ ୬୦କୋଟି ଟଙ୍କା ବ୍ୟୟରେ ରୂପାନ୍ତରୀକରଣ ପ୍ରକ୍ରିୟା ଜାରି ରହିଛି, ଯାହା ଖୁବ୍‌ଶୀଘ୍ର ଶେଷ ହେବାକୁ ଯାଉଛି। ପରବର୍ତ୍ତୀ ସମୟରେ ବାଲେଶ୍ୱରର ଯୁବପିଢ଼ି ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଉପଭୋଗ କରି ନୂତନ ପିଢ଼ି ସହ ସମକକ୍ଷ ହୋଇ ବିଶ୍ୱଦରବାରରେ ରାଷ୍ଟ୍ରର ମାନ ଓ ସମ୍ମାନ ବଢ଼ାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ରଖିଥିବା ପ୍ରକାଶ କରିଥିଲେ। ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଅନେକ ସୁନାମଧନ୍ୟ ନୃତ୍ୟ ଦଳ ପ୍ରମୁଖ ନିଜ କଳାର ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜିଲ୍ଲାସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରତ୍ୟକ୍ଷ ଭାବେ ଏହାର ତଦାରଖ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲ୍ଲା ପ୍ରଶାସନର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ଦାବି



ଜମି ପଟ୍ଟା ପାଇଁ ଦାବି କରୁଥିବା ଭୂମିହୀନମାନେ।

ବସ୍ତା, ୬।୧(ହରିଶଙ୍କର ପାଢ଼ି)

ପ୍ରଧାନମନ୍ତ୍ରୀ ଆବାସ ପାଇଥିବା ଭୂମିହୀନ ଆଦିବାସୀ ହିତାଧିକାରୀଙ୍କୁ ଜମି ମାଲିକାନା ଦିଆଯିବା ପାଇଁ କେନ୍ଦ୍ର ମୋଦି ସରକାରଙ୍କ ନିର୍ଦ୍ଦେଶ ପରେ ବସ୍ତା ତହସିଲ ଅଞ୍ଚଳରେ ବହୁଦିନରୁ କଚ୍ଚା ଘରେ ବସବାସ କରୁଥିବା ଆଦିବାସୀଙ୍କ ମଧ୍ୟରେ ଆଶାର ଝଲକ ଦେଖାଦେଇଛି। ଭାଜପା ନେତା ଶ୍ୟାମାପ୍ରସାଦ ବେହେରା, ଏମ୍‌ପି ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଧ୍ରୁବଚରଣ ନାୟକ, ଭାସ୍କର ଘୋଷ ପ୍ରମୁଖଙ୍କ ନେତୃତ୍ୱରେ ରଘୁନାଥପୁର ପଞ୍ଚାୟତର ଗିଲାଜୋଡ଼ି ଓ କାଣ୍ଡ ଗାଁ ଆଦି ଅଞ୍ଚଳର ଆଦିବାସୀ ବଞ୍ଚିତ ଲାଭାର୍ଥୀମାନେ ବସ୍ତା ତହସିଲଦାର ରାଧାରଞ୍ଜନ ଦାସଙ୍କୁ ଭେଟି ଆଲୋଚନା କରିଥିଲେ। ଅନଲାଇନ୍‌ରେ ଆବେଦନ କଲେ ତୁରନ୍ତ ଯୋଗ୍ୟ ବିବେଚିତ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଆଦିବାସୀଙ୍କ ତରଫରୁ ରଘୁ ମୁର୍ମୁ, ଲକ୍ଷ୍ମଣ ହାଁସଦା, ମମତା ସୋରେନ, ବୀନତି ହାଁସଦା, ସୁମି ହାଁସଦା, ପଞ୍ଚାନନ ଟୁଡୁ, ଲୁଚି ମାରାଣ୍ଡି, ଭୂବନ ସିଁ, ରମେଶ ସିଂହ ପ୍ରମୁଖ ଦାବି ପ୍ରଦାନ ବେଳେ ଉପସ୍ଥିତ ଥିଲେ। ତହସିଲଦାରଙ୍କ ତରଫରୁ ସ୍ଥାନୀୟ ଆରଆଇଙ୍କୁ ସରଜମିନ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରେମବିବାହ କରିବାରୁ ଝିଅକୁ ଶୁଦ୍ଧି ହେଲେ

**ଚାନ୍ଦବାଲି,୬।୧(କିଷାନ ପାତ୍ର):** ପ୍ରେମବିବାହ କରିବାରୁ ବଞ୍ଚିଥିବା ଝିଅକୁ ଶୁଦ୍ଧି ହେଲେ ବାପା। ଶନିବାର ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଞ୍ଚଳରେ। ନାଳଗୁଣ୍ଡା ପଞ୍ଚାୟତ ଇଟୁଆର ଜଣେ କଲେଜ ଛାତ୍ରୀ ଘଣ୍ଟେଶ୍ୱର ଅଞ୍ଚଳର ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ। ଛାତ୍ରୀଙ୍କ ବାପା ଏହାକୁ ବିରୋଧ କରିଥିଲେ। ଯୁବତୀ ଜଣକ ଶନିବାର ତାଙ୍କ ବାପାଙ୍କ ନାମରେ ଚାନ୍ଦବାଲି ଥାନାରେ ଅଭିଯୋଗ କରିଥିଲେ। ଥାନାରେ ଉଭୟ ବାପା ଓ ଝିଅଙ୍କୁ ଡକାଇ ଆଲୋଚନା କରାଯାଇଥିଲା। ଯୁବତୀ ପୂର୍ବରୁ ତାଙ୍କ ପ୍ରେମିକଙ୍କୁ କୋର୍ଟମ୍ୟାରେଜ କରିଥିବା ଜଣାପଡ଼ିଥିଲା। ଯୁବତୀ ଜଣକ ପ୍ରେମିକ ସହ ରହିବାକୁ ଜିଦ୍ ଧରିବାରୁ ତାଙ୍କ ବାପା ଥାନା ପରିସରରେ ନିଆଁ ଜାଳି ବଞ୍ଚିଥିବା ଝିଅକୁ ଶୁଦ୍ଧି ହୋଇପଡ଼ିଛନ୍ତି।

# ବୁଲିଲା ନବୀନ କାର୍ଡ ସଚେତନତା ରଥ



ସଚେତନତା ରଥକୁ ଜିଲ୍ଲାପାଳ ଆଶିଷ ଠାକରେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

କେନ୍ଦୁଝର,୬।୧(ଦୀପକ ମିଶ୍ର)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ତାଲିକାରୁ ବାଦ ପଡ଼ିଥିବା ଏବଂ ଚାକିରିଆ, ପେନ୍‌ସନ୍ ଭୋଗି କିମ୍ବା ଆୟକର ଦାତା ହୋଇ ନ ଥିବା ଗ୍ରାମାଞ୍ଚଳର ସମସ୍ତ ବାସିନ୍ଦାଙ୍କୁ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିଏସ୍‌କେୱାଇ ନବୀନ କାର୍ଡ ଆରମ୍ଭ କରିଛନ୍ତି। ଏଥିରେ ନାମ ପଞ୍ଜୀକରଣ କରିବା ପାଇଁ ସଚେତନତା ଉଦ୍ଦେଶ୍ୟରେ ଜିଲ୍ଲାରେ ୨ଟି ରଥକୁ ଜିଲ୍ଲାପାଳ ଆଶିଷ ଠାକରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୨ ରଥ ଶନିବାରଠାରୁ ଆରମ୍ଭ ହୋଇଥିବା ବେଳେ ଜିଲ୍ଲାର ୧୩ ବ୍ଲକ୍ ବୁଲି ଲିଫ୍‌ଲେଟ ମାଧ୍ୟମରେ ଲୋକଙ୍କୁ ସଚେତନ କରିବ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କିଶୋର ପୃଷ୍ଟି, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅଧିକ୍ଷକ ମୁଖ୍ୟ ଚିକିତ୍ସାଳୟ କେନ୍ଦୁଝର ଡା. ଅଶିମ କୁମାର ଦେ, ଡିପିଏମ ନିତ୍ୟରଞ୍ଜନ ବରାଳ, ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମଚାରୀ ଓ ଆଶାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପୀତବାସ ମିଶ୍ର, ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ପରିସଂଖ୍ୟାନ ସହାୟକ ନୃସିଂହ ନାରାୟଣ ନନ୍ଦ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଜିଲ୍ଲା ସଂଯୋଜକ ପଦ୍ମଲୋଚନ ଗିରି ପ୍ରମୁଖ ପରିଚାଳନା କରିଥିଲେ।

# ମା'ରଞ୍ଜେଶ୍ୱରୀ ଠାକୁରାଣୀଙ୍କ ଓଷା ପାଳିତ

କେନ୍ଦୁଝର,୬।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଭୂଇଁପୁର ଗ୍ରାମର ଆରାଧ୍ୟ ଦେବୀ ମା'ରଞ୍ଜେଶ୍ୱରୀ ଠାକୁରାଣୀଙ୍କ ଓଷା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଡିସେମ୍ବର ୨୮ ଗୁରୁବାର ଦିନ ନିକଟସ୍ଥ ପାରୁଡ଼ିପଶି ଗ୍ରାମରୁ ମା'ଙ୍କ ବିଗ୍ରହ ଅଣାଯାଇ ଯଥାରୀତି ନୀତି ଅନୁସାରେ ପୂଜାର୍ଚ୍ଚନା ପରେ କୋଠ ଘରେ ସ୍ଥାପନ କରାଯାଇଥିଲା। ସେଠାରେ ୭ ଦିନ ଧରି ନୀତିକାନ୍ତି ହୋଇଥିବା ବେଳେ ଗତ ଗୁରୁବାର ଦେବୀ ମା'ଙ୍କୁ କୋଠି ଘରୁ ବାହାର କରାଯାଇ ମଣ୍ଡପରେ ବିଜେ କରାଯାଇଥିଲା। ଶୁକ୍ରବାର ବିଶେଷ ରୀତିନୀତି ପାଳନ ପୂର୍ବକ ପୂଜାପାଠ ପରେ ଭକ୍ତିପୁତ ପରିବେଶରେ ମା'ଙ୍କୁ ମେଲାଣି ଦିଆଯାଇଛି। ମା'ଙ୍କ ଦର୍ଶନ ପାଇଁ ଆଖପାଖ ଗ୍ରାମରୁ ବହୁ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ପୂଜକ ମନୋହର ନାଏକ, ଗାହାଣୀ ବନବିହାରୀ ବାରିକ ଏବଂ ଗ୍ରାମବାସୀଙ୍କ ସହଯୋଗରେ ମା'ଙ୍କ ଓଷା ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସତ୍ୟବାଦୀ ଯୁବକ ସଂଘ ଆନୁକୂଲ୍ୟରେ ସାମାଜିକ ନାଟକ 'ଲୁହରେ ଲେଖୁଛି ନୂଆ କାହାଣୀ' ପରିବେଷିତ ହୋଇଥିଲା। ସତ୍ୟବାଦୀ ଯୁବକ ସଂଘ ସଭାପତି ଅବନୀ ବାରିକ, ସମ୍ପାଦକ ନିର୍ମଳ ବାରିକ, ସହ ସମ୍ପାଦକ ଦୀପକ ବାରିକଙ୍କ ତତ୍ତ୍ୱାବଧାନରେ ଜଗଦୀଶ ପଣ୍ଡାଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ଦୀନମଣୀ, ତାପସ, ବରୁଣ, ବିଜୁ, ଅମର, ଚିକୁ, ଗଣେସିଆଲ, ରାଘବ, ଜଟ, ଲକି, ଟୁକୁ, ଈଶ୍ୱର, ଅପୁନ୍, ଗିରି, ମାନସ, ପିଣ୍ଟୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# ଜଗନ୍ନାଥପୁର ରାଧାଗୋବିନ୍ଦ କ୍ଲବ ଚାମ୍ପିୟନ

## ସଚ୍ଚିଦାନନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଭଦ୍ରକ,୬।୧(ସନାତନ ରାଉତ):** ଭଦ୍ରକ କଲେଜ ପଡ଼ିଆରେ ଦୁଇଦିନ ଧରି ଚାଲିଥିବା ସଚ୍ଚିଦାନନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଡେଲଟା ଏକ୍ସଆଇ ଚରମ୍ପାକୁ ହରାଇ ଜଗନ୍ନାଥପୁର ରାଧାଗୋବିନ୍ଦ କ୍ଲବ ଚାମ୍ପିୟନ ହୋଇଛି। ଡେଲଟା ଏକ୍ସଆଇ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରୁ ୯ମ ଓଭରରେ ସମସ୍ତ ଉଇକେଟ ହରାଇ ୮୪ ରନ୍ କରିଥିଲା। ରାଧାଗୋବିନ୍ଦ କ୍ଲବ ୬ ଓଭରରେ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ପାରା ଆଥ୍‌ଲେଟ ରାଖାଲ ସେଠୀ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ ବାର୍ ଆସୋସିଏଶନର ପୂର୍ବତନ ସଭାପତି ଆଇନଜୀବୀ ବିଷ୍ଣୁମୋହନ ମହାପାତ୍ର। ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ କ୍ଷମାସାଗର ପଣ୍ଡାଙ୍କୁ ଆୟୋଜକ ଜ୍ୟୋତିପ୍ରକାଶ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ।




ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛି ଚାମ୍ପିୟନ ଟିମ୍।


ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ବର୍ଷ ୨୦୨୩-୨୪ ପାଇଁ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ନିମନ୍ତେ ମାଟ୍ରିକୋତ୍ତର ଛାତ୍ରବୃତ୍ତି ଯୋଜନା
ଅଧୀନରେ ଉଚ୍ଚ ଶିକ୍ଷାରେ ଅଧ୍ୟୟନ କରିବା ସକାଶେ
ଅନୁସୂଚିତ ଜାତିର ୬୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଲାଗି ଛାତ୍ରବୃତ୍ତି
ସମ୍ପର୍କରେ ଘୋଷଣା କରୁଛନ୍ତି

ଯୋଗ୍ୟତା
- ପିତାମାତା/ଅଭିଭାବକଙ୍କ ବାର୍ଷିକ ଆୟ ୨.୫୦ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ
- ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ବିଦ୍ୟାଳୟ ପାଠ୍ୟକ୍ରମରେ ଅଧ୍ୟୟନରତ ଛାତ୍ରଛାତ୍ରୀ

ପରିସର
- ଏକାଦଶ ଶ୍ରେଣୀ ପରବର୍ତ୍ତୀ ସମସ୍ତ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ
- ଦରଖାସ୍ତଗୁଡ଼ିକୁ ରାଜ୍ୟ ସରକାର/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଗ୍ରହଣ ତଥା ଯାଞ୍ଚ କରାଯାଇଥାଏ
- ସବୁଠାରୁ ଗରିବ ପରିବାରଙ୍କୁ ପ୍ରାଥମିକତା

ହକ୍‌ଦାରିତା
- ବାଧ୍ୟତାମୂଳକ ଅଣ-ଫେରସ୍ତଯୋଗ୍ୟ ଦେୟ (ଟ୍ୟୁଶନ ଫି' ସମେତ)
- ଶିକ୍ଷାଗତ ଭତ୍ତାର ପରିମାଣ ବାର୍ଷିକ ₹୨୫୦୦ ରୁ ଟ.୧୩୫୦୦ ପର୍ଯ୍ୟନ୍ତ
- ଦିବ୍ୟାଙ୍ଗ (ଭିନ୍ନକ୍ଷମ) ଛାତ୍ରଛାତ୍ରୀଙ୍କ ପାଇଁ ୧୦% ଅତିରିକ୍ତ ଭତ୍ତା

- ଛାତ୍ରଛାତ୍ରୀମାନେ ସେମାନଙ୍କ ରାଜ୍ୟର ସ୍କଲାରଶିପ୍ ପୋର୍ଟାଲରେ ଆବେଦନ କରିବେ
- ଛାତ୍ରଛାତ୍ରୀମାନଙ୍କ ନିକଟରେ ଏକ ବୈଧ ମୋବାଇଲ ନମ୍ବର, ଆଧାର ନମ୍ବର (ୟୁଆଇଡି), ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା, ଆୟ ପ୍ରମାଣପତ୍ର ଏବଂ ଜାତିଗତ ପ୍ରମାଣପତ୍ର ରହିଥିବା ଆବଶ୍ୟକ ।

- ଯୋଜନାର ମାର୍ଗଦର୍ଶିକା ଏବଂ ସବିଶେଷ ଯୋଗ୍ୟତା ମାନଦଣ୍ଡ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ
http://socialjustice.gov.in/schemes/25

cbc 38101/11/0057/2324

**୨ ବଖରା ଜଳିଗଲା**

ଭଣ୍ଡାରିପୋଖରୀ,(ରବିନାରାୟଣ ଖିଲାର)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବାଲିପୋଖରୀ ପଞ୍ଚାୟତସ୍ଥିତ ଜଗନ୍ନାଥପ୍ରସାଦ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳିଯାଇଛି। ଗ୍ରାମର ତଲି ମୁଣ୍ଡାଙ୍କ ୨ ବଖରା ଘର ସହ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ଦମକଳ ବାହିନୀ ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲା। ଅଗ୍ନିପିଡ଼ିତଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମର ଶିଶିର ମହାପାତ୍ର, ସାମାଜିକ କର୍ମୀ ଦୁର୍ଯ୍ୟୋଧନ ବାରିକ, ନାରାୟଣ ବେହେରା ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା କାର୍, ଚାଳକ ମୃତ

ଘସିପୁରା,୬।୧(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ଭଗାନଇ ଛକ ନିକଟରେ କାର ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ଚାଳକ ଘସିପୁରା ବ୍ଲକ୍ ଖଡ଼ିକାଶୁଳବାହାଳିର ରାଜକିଶୋର ରାଉତ। ସେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ସହିତ କାର ଯୋଗେ ଆନନ୍ଦପୁର ଅଭିମୁଖେ ଆସୁଥିଲେ। ଭଗାନଇ ଛକ ନିକଟରେ ଭାରସାମ୍ୟ ହରାଇ କାର ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୁରୁତର ହୋଇଥିବା ରାଜକିଶୋର ଏବଂ ଆନ୍ୟ ଆହତ ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଡାକ୍ତରଖାନାରେ ଡାକ୍ତର ରାଜକିଶୋରଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ରାମଚନ୍ଦ୍ରପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୨ ମାସ ବିତିଲା, ଅପହୃତ ନାବାଳିକାଙ୍କ ପତ୍ତା ମିଳୁନି

ତିହିଡ଼ି, ୬।୧ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବଡ଼ଗାଲୋ ଅଞ୍ଚଳରୁ ୨ ମାସ ପୂର୍ବରୁ ଅପହୃତ ଜଣେ ନାବାଳିକାଙ୍କ ପତ୍ତା ମିଳୁନାହିଁ। ସୂଚନା ଅନୁଯାୟୀ, ୨୦୨୩ ଅକ୍ଟୋବର ୨୦ରେ ୧୭ ବର୍ଷୀୟ ଉକ୍ତ ନାବାଳିକାଙ୍କୁ ଅପହରଣ କରି ନିଆଯାଇଛି। ସେହି ଗ୍ରାମର ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ପରେ ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ତିହିଡ଼ି ଥାନାରେ ମାମଲା (ନଂ.୪୦୨/୨୩) ରୁଜୁ ହୋଇଥିଲା। ଏଯାଏ କୌଣସି ସନ୍ଧାନ ମିଳୁ ନ ଥିବାରୁ ନାବାଳିକା ଜୀବିତ ଅଛନ୍ତି ନା ତାଙ୍କୁ ମାରି ଦିଆଯାଇଛି, ସେନେଇ ତାଙ୍କ ପରିବାର ଲୋକଙ୍କ ମନରେ ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ ଥାନାର ଭାରପ୍ରାପ୍ତ ଅଧିକାରୀ ଅରୁନ୍ଧତୀ ବେହେରାଙ୍କୁ ପଚାରିବାରୁ ବିଭିନ୍ନ ସମୟରେ ଉଦ୍ୟମ କରାଯାଇଥିଲେ ମଧ୍ୟ ଉକ୍ତ ନାବାଳିକାଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ ବୋଲି କହିଛନ୍ତି।

### ବ୍ରାହ୍ମଣ ସମିତିର କର୍ମକର୍ତ୍ତା ମନୋନୟନ
### ମୁକ୍ତିକାନ୍ତ ସଭାପତି, କରୁଣାକର ସମ୍ପାଦକ

ଖଇରା, ୬।୧(ଉତ୍କଳବନ୍ଧୁ ପଣ୍ଡା)

ଆଞ୍ଚଳିକ ବ୍ରାହ୍ମଣ ସମିତି ଖଇରା ଶାଖାର ଏକ ବୈଠକ ନୟାଖଣ୍ଡି ପଞ୍ଚାୟତର ଡାହାଣିଗଡିଆ ନିକଟସ୍ଥ ମହାକାଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। କରୁଣାକର ପାଣି ସ୍ୱାଗତ ସମ୍ଭାଷଣ, ଦୀନବନ୍ଧୁ ପାଣି ବେଦପାଠ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଗୀତା ପାଠ ଓ ରମାକାନ୍ତ ଶତପଥି ବିବରଣୀ ପାଠ କରିଥିଲେ। ପରେ ସର୍ବସମ୍ମତିକ୍ରମେ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ମୁକ୍ତିକାନ୍ତ ଶତପଥି, କରୁଣାକର ପାଣି ସମ୍ପାଦକ, ବୃନ୍ଦାବନ ମହାପାତ୍ର ଉପସଭାପତି, ବିରଞ୍ଚି ନାରାୟଣ ପଣ୍ଡା ଓ ରାଜେନ୍ଦ୍ର କୁମାର ପଣ୍ଡା ସହସମ୍ପାଦକ, ଦେବାଶିଷ ଶତପଥି ସଙ୍ଗଠନ ସମ୍ପାଦକ, ଜନ୍ମେଜୟ ପଣ୍ଡା କୋଷାଧ୍ୟକ୍ଷ, ଉପେନ୍ଦ୍ର ପ୍ରସାଦ କର ଓ ନିରାମୟ ଶତପଥିଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ଚୟନ କରାଯାଇଥିଲା। ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ।

### 'ଦିଲୀପ ଥିଲେ ଧୀଶକ୍ତି ସମ୍ପନ୍ନ ଅଧିବକ୍ତା'

ଭଦ୍ରକ,୬।୧(ସନାତନ ରାଉତ)

ଭଦ୍ରକ ଓକିଲ ସଂଘର ପୂର୍ବତନ ସଭାପତି, ବେନ୍ତାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଦିଲୀପ ମହାପାତ୍ରଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଓ ତୈଳଚିତ୍ର ଅନାବରଣ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଟାଉନ ହଲ୍‌ରେ ଓକିଲ ସଂଘ ସଭାପତି ନିରାକାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ହାଇକୋର୍ଟ ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଯୋଗଦେଇ ଦିଲୀପ ଜଣେ ବିଚକ୍ଷଣ ଧୀଶକ୍ତି ସମ୍ପନ୍ନ ଅଧିବକ୍ତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଓକିଲ ସଂଘ ସମ୍ପାଦକ ଦିବ୍ୟସିଂହ ନାୟକ ବକ୍ତବ୍ୟ ରଖିଥିଲେ। ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ, ଅରୁଣ ଚାନ୍ଦ, ପବନ ଶର୍ମା, ଗଦାଧର ବଳ, ବିଷ୍ଣୁ ମହାପାତ୍ର, ଗିରିଧାରୀ ନାଥ, ସୂର୍ଯ୍ୟକାନ୍ତ କୁଅଁର, ପ୍ରଫୁଲ୍ଲ ସାମଲ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ପ୍ରଦୀପ ଜେନା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉପସଭାପତି ମନୋରଞ୍ଜନ ଦାସ ଅତିଥି ପରିଚୟ ଦେଇଥିଲେ।

# ଅନୁମୋଦନ ଅପେକ୍ଷାରେ ୩ ରେଳ ପ୍ରକଳ୍ପ

## ୨୨୭.୬୨ କି.ମି.କୁ ୫୬୦୪.୩୪ କୋଟି ଅଟକଳ

ବାରିପଦା,୬।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବ। ୫ ହଜାର ୬୦୪କୋଟି ୩୪ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ହେବ ବାଦାମପାହାଡ଼-କେନ୍ଦୁଝରଗଡ଼, ବାଙ୍ଗିରିପୋଷି-ଗୋରୁମହିଷାଣୀ ଓ ବୁଢ଼ାମରା-ଚକୁଳିଆ ରେଳ ଲାଇନ। ଏ ନେଇ ତିନୋଟି ପ୍ରକଳ୍ପର ବିସ୍ତୃତ ରିପୋର୍ଟ(ଡିପିଆର) ପ୍ରସ୍ତୁତି ଶେଷ ହୋଇ ସାରିଥିବା ବେଳେ ରେଳ ମନ୍ତ୍ରଣାଳୟର ଅନୁମୋଦନ ଅପେକ୍ଷାରେ ରହିଛି। ଜିଲାର ବୁଢ଼ାମରା-ଚକୁଳିଆ ୫୯.୯୬ କି.ମି ଦୈର୍ଘ୍ୟ ବିଶିଷ୍ଟ ନୂତନ ରେଳପଥ ନିର୍ମାଣ ପାଇଁ ୧୪୫୯.୧୩ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ବ୍ରଡ୍‌ଗେଜ ରେଳ ଲାଇନ ନିର୍ମାଣ ପାଇଁ ୪୬୨.୫୨ହେକ୍ଟର ଜମିର ଆବଶ୍ୟକ ରହିଛି। ରୁଟ୍‌ରେ ୨ ପୁରୁଣା ରେଳ ଷ୍ଟେଶନ ସହ ନୂତନ ୫ଟି ରେଳ ଷ୍ଟେଶନ ନିର୍ମାଣ କରାଯିବ। ସେଗୁଡ଼ିକ ମଧ୍ୟରେ ଓଡ଼ିଶା ସୀମାରେ ବୁଢ଼ାମରା ପୁରୁଣା ଷ୍ଟେଶନ ଓ ପ୍ରସ୍ତାବିତ ଜଙ୍କସନ, ଝାରପୋଖରିଆ, ନ୍ୟୁ ଜାମଶୋଳା ଓ ଝାଡ଼ଖଣ୍ଡ ସୀମାରେ ଥିବା ବହଡ଼ାଗୋଡ଼ା, ବରୋଇ, ପୁରୁଣାପାଣି ଓ ଚକୁଳିଆ ଷ୍ଟେଶନ ରହିଛି। ଏହି ଲାଇନରେ ୭ଟି ରୋଡ୍ ଓଭର ବ୍ରିଜ, ଗୋଟିଏ ମୁଖ୍ୟ ବ୍ରିଜ, ୭ ମେଜର ବ୍ରିଜ, ୫୪ ମାଇନର ବ୍ରିଜ, ୪୧ ଆରୟୁବି ଓ ଗୋଟିଏ ଆରଓଆର ରହିବ। ଏହି ପଥରେ ନିୟମିତ ୨ ମେମୁ ଟ୍ରେନ୍ ଚଳପ୍ରଚଳ କରିବ। ୫ ବର୍ଷରେ ରୁଟ୍ ନିର୍ମାଣ କରାଯାଇ ରେଳ ଲାଇନ୍ ଦ୍ୱାରା ରୂପସା-ବାଙ୍ଗିରିପୋଷି ସେକ୍ସନର ବୁଢ଼ାମରା ଓ ଖଡଗପୁର-ଟାଟାନଗର ସେକ୍ସନ ହାଓଡ଼ା-ମୁମ୍ବାଇ ଟ୍ରଙ୍କ ରୁଟ୍‌କୁ ସଂଯୋଗ କରାଯିବ ବୋଲି ଜଣାପଡ଼ିଛି। ସେହିପରି ବାଙ୍ଗିରିପୋଷି-ଗୋରୁମହିଷାଣୀ ୮୫.୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ନୂତନ ବ୍ରଡ୍‌ଗେଜ ରେଳ ଲାଇନ୍ ନିମନ୍ତେ ୨୨୬୯.୪୯ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିବା ବେଳେ ରେଳ ଲାଇନ ନିର୍ମାଣ ପାଇଁ ୫୬୭.୪୫ ହେକ୍ଟର ଜମି ଆବଶ୍ୟକ ରହିଛି। ଏଥିରେ ୨ ପୁରୁଣା ରେଳ ଷ୍ଟେଶନ ସହ ନୂତନ ୬ଟି ଷ୍ଟେଶନକୁ ମିଶାଇ ମୋଟ ୮ଟି ଷ୍ଟେଶନ ରହିବ। ସେଗୁଡ଼ିକ ମଧ୍ୟରେ ଓଡ଼ିଶା ସୀମାରେ ବାଙ୍ଗିରିପୋଷି, ଚାନ୍ଦବିଲ, ଛତାବନ୍ଧ, ବିଶୋଇ, ବାଙ୍କି, ପତୁରା, ନ୍ୟୁ ରାଇରଙ୍ଗପୁର ଓ ଗୋରୁମହିଷାଣୀ ଷ୍ଟେଶନ ରହିଛି। ଏହି ଲାଇନ୍‌ରେ ୧୪ଟି ରୋଡ୍ ଓଭରବ୍ରିଜ, ଗୋଟିଏ ମୁଖ୍ୟ ବ୍ରିଜ, ୧୨ ମେଜର ବ୍ରିଜ, ୧୦୯ ମାଇନର ବ୍ରିଜ, ୬୨ ଆରୟୁବି, ଗୋଟିଏ ଆରଓଆର(ରେଲ ଓଭର ରେଲ) ଓ ୮ଟି ଭାୟା ଡିୟୁସିଟିଏସ୍ ରହିବ। ଏହା ସହିତ ଏହି ଲାଇନରେ ତିନୋଟି ଟନେଲ ନିର୍ମାଣ ହେବ। ୫ ବର୍ଷ ପରେ ରୁଟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପରେ ଗୋଟିଏ ମେମୁ ଟ୍ରେନ ଚଳାଚଳ କରିବ ବୋଲି ଜଣାପଡ଼ିଛି। ସେହିପରି ବାଦାମପାହାଡ଼-କେନ୍ଦୁଝର ୮୨.୦୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ରେଳପଥ ନିର୍ମାଣ ପାଇଁ ୧୮୭୫.୭୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ରେଳ ଲାଇନ ନିର୍ମାଣ ପାଇଁ ୫୦୬.୬୯ ହେକ୍ଟର ଜମିର ଆବଶ୍ୟକତା ରହିଛି। ଏଥିରେ ଦୁଇଟି ପୁରୁଣା ରେଳ ଷ୍ଟେଶନ ସହ ୬ ନୂତନ ଷ୍ଟେଶନକୁ ମିଶାଇ ମୋଟ ୮ଟି ଷ୍ଟେଶନ ନିର୍ମାଣ କରାଯିବ। ସେଗୁଡ଼ିକ ମଧ୍ୟରେ ଓଡ଼ିଶା ସୀମାରେ ଥିବା ବାଦାମପାହାଡ଼, କଳସବନ୍ଧ, ଟଙ୍ଗାବିଲା, ସିଙ୍ଗଡ଼ା, ଘୋଷଡ଼ା, ଡେମଣା, ଖୀରଟାଙ୍ଗରୀ ଓ କେନ୍ଦୁଝର ରହିଛି। ଏହି ଲାଇନ୍‌ରେ ୧୮ରୋଡ୍ ଓଭରବ୍ରିଜ, ଗୋଟିଏ ମୁଖ୍ୟ ଓଭରବ୍ରିଜ, ୮ଟି ମେଜର ବ୍ରିଜ, ୬୨ଟି ମାଇନର ବ୍ରିଜ ଓ ୪୩ଟି ଆରୟୁବି ରହିଛି। ୫ବର୍ଷ ପରେ ରୁଟ ନିର୍ମାଣ ସମ୍ପୂର୍ଣ୍ଣ ପରେ ଗୋଟିଏ ମେମୁ ଟ୍ରେନ ଚଳାଚଳ କରିବ ବୋଲି ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

## ଜମି ପଟ୍ଟା କରାଇବାକୁ ଲାଞ୍ଚ ନେଉଥିଲେ



ଭିଜିଲାନ୍ସ ଟିମ୍ ଆର୍‌ଆଇଙ୍କୁ ଗିରଫ କରି ନେଉଛି।

ଯୋଡ଼ା,୬।୧(ମାନସ ମହାନ୍ତି)

ଜମି ପଟ୍ଟା କରାଇଦେବାକୁ ଲାଞ୍ଚ ନେଉଥିବା ବେଳେ କେନ୍ଦୁଝର ଜିଲା ବଡ଼ବିଲ ତହସିଲ ଅଧୀନ ବିଲେଇପଦା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ଟିମ୍ ଆର୍‌ଆଇ ମିର୍ ମହମ୍ମଦ ଖାନ୍‌କୁ ଗିରଫ କରିଥିବା ବେଳେ ତାଙ୍କ ନିକଟରୁ ୨୦ ହଜାର ଲାଞ୍ଚ ଟଙ୍କା ଜବତ କରିଛି। ରାଜସ୍ୱ ନିରୀକ୍ଷକଙ୍କ କେନ୍ଦୁଝର ଜିଲା ତେଲକୋଇ ଥାନା ସାହିରେ ଥିବା ଘର ସମେତ ଏକକାଳୀନ ୩ ଠିକଣାରେ ଚଢ଼ାଉ କରିଛି।

ସୂଚନା ଅନୁଯାୟୀ, ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଦେଓଝର ଗ୍ରାମ ମୁର୍ଗାବେଡ଼ା ଅଞ୍ଚଳର ଧ୍ରୁବରାଜ ହେମ୍ବ୍ରମ ଅନ୍‌ଲାଇନରେ ଜମି ପଟ୍ଟା ପାଇଁ ଆବେଦନ କରି ମଧ୍ୟ ହୋଇପାରୁ ନ ଥିଲା। ଏ ନେଇ ମ୍ୟୁଟେଶନ କେସ୍ (ନଂ.୯୪୮/୨୨୩)ର ତଦନ୍ତ ରିପୋର୍ଟ ଓ ଜମିର ପଟ୍ଟା କରାଇବା ପାଇଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଯାଇ ବହୁବାର ଅନୁରୋଧ କରିଥିଲେ। ତେବେ ଜମି ପଟ୍ଟା କରାଇଦେବା ପାଇଁ ଆର୍‌ଆଇ ୫୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ଧ୍ରୁବରାଜ କେନ୍ଦୁଝର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଆର୍‌ଆଇ ମହମ୍ମଦ ଶନିବାର ବିଲେଇପଦା କାର୍ଯ୍ୟାଳୟରେ ଧ୍ରୁବରାଜଙ୍କଠାରୁ ୨୦ ହଜାର ଟଙ୍କା ଅଗ୍ରିମ ଲାଞ୍ଚ ନେଉଥିଲେ। ପୂର୍ବଯୋଜନା ମୁତାବକ ଭିଜିଲାନ୍ସ ଟିମ୍ ଚଢ଼ାଉକରି ତାଙ୍କୁ ଗିରଫ କରିଥିଲା। ଗିରଫ ପରେ ଏକକାଳୀନ ତାଙ୍କର ବଡ଼ବିଲ ତହସିଲ କଲୋନିସ୍ଥିତ ସରକାରୀ ବାସଭବନ, ତେଲକୋଇସ୍ଥିତ ପୈତୃକ ଘର ଏବଂ ବିଲେଇପଦା କାର୍ଯ୍ୟାଳୟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଏ ନେଇ ଏକ ମାମଲା (ନଂ.୧/୨୪)ରେ ରୁଜୁହୋଇଛି। ଚଢ଼ାଉରେ ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଏସ୍‌ଏସ୍ ପୂଜାରୀ, କେନ୍ଦୁଝର ଡିଏସ୍‌ପି ଡି.କେ. ନାଏକ ପ୍ରମୁଖଙ୍କ ଏକ ୬ ଜଣିଆ ଟିମ୍ ସାମିଲ ଥିଲେ।

# ଶୃଙ୍ଖଳା ଭାଙ୍ଗିଲେ କାର୍ଯ୍ୟାନୁଷ୍ଠାନ



ପ୍ରସ୍ତୁତି ବୈଠକରେ କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

ତିହିଡ଼ି,୬।୧(ସଞ୍ଜିତ ବଳ)

## ଦପାନାୟକାଣୀ ପୀଠରେ ମକରମେଳା ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଈଶ୍ୱରପୁର ଗ୍ରାମସ୍ଥିତ ମା' ଦପାନାୟକାଣୀଙ୍କ ପୀଠରେ ମକରମେଳା ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେଳାରେ ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେବାକୁ ଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୀରହାଟ ଥାନାଧିକାରୀ ଶ୍ରୀକାନ୍ତ ପତି ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ପୀଠରେ ମକରମେଳା ଆସନ୍ତା ୧୫ ତାରିଖଠାରୁ ୧୮ତାରିଖ ଯାଏ ଅନୁଷ୍ଠିତ ହେବ। ଦିନରେ ମକରମେଳା ଓ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଶ୍ରଦ୍ଧାଳୁମାନଙ୍କ ସମାଗମ ହେବ। ପୂଜା କମିଟି ସଭାପତି ସୁଧାକର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ପୀରହାଟ ଥାନାଧିକାରୀ ପତି ଯୋଗଦେଇ ମେଳାରେ ଶୃଙ୍ଖଳା ଭଙ୍ଗ କଲେ, ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେବା ସହ ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତାଙ୍କ ଉପରେ ଶୃଙ୍ଖଳା ରକ୍ଷା ଦାୟିତ୍ୱ ନ୍ୟସ୍ତ କରିବାକୁ ପରାମର୍ଶ ଦେଇଛନ୍ତି।

ପୀରହାଟ ଥାନା ଏସ୍‌ଆଇ ସୁପ୍ରକାଶ ମହାନ୍ତି, ପୂଜା କମିଟି ସମ୍ପାଦକ ଦେବେନ୍ଦ୍ର ଦାସ, ସରପଞ୍ଚ ପବିତ୍ର ମୋହନ ମଲିକ, ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ, ମା' ଦପାନାୟକାଣୀ ହାଇସ୍କୁଲର ପ୍ରଧାନଶିକ୍ଷକ ବଂଶୀଧର ଲେଙ୍କା, ଶିକ୍ଷକ ଚିନ୍ମୟ ବେହେରା, ଜୟପ୍ରକାଶ ମଲିକ, ପୂର୍ବତନ ସମିତିସଭ୍ୟ ପାର୍ଥସାରଥି ଦାସ, ଭୀମସେନ ବାରିକ, ଉପେନ୍ଦ୍ର ଦାସ, ଭୀମସେନ ମଲିକ, ନିରାକାର ମଲିକ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ।

# ଅସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

ପାଟଣା,୬।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ବୈତରଣୀ ନଦୀ କୂଳରେ ଶୁକ୍ରବାର ପାଟଣା ଓ ସାହାରପଡ଼ା ବ୍ଲକ୍‌ର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅସରପ୍ରାପ୍ତ ଶିକ୍ଷକ ଶାନ୍ତନୁ ସାହୁ ଓ ନଳୀନଚନ୍ଦ୍ର ଘଣା ସଂଯୋଜନା କରିଥିବା ବେଳେ ପଣ୍ଡିତ କ୍ଷୀରୋଦ ଚନ୍ଦ୍ର ମିଶ୍ର ମଙ୍ଗଳାଚରଣ ଆବୃତ୍ତି କରିଥିଲେ। ପରେ ଦିବଙ୍ଗତ ଶିକ୍ଷକ ନାରାୟଣ ମହାନ୍ତ, ଉମାକାନ୍ତ ମହାନ୍ତ, ତରୁଣ ବେଜ, ଶିକ୍ଷା କର୍ମଚାରୀ କୈଳାସ ଚନ୍ଦ୍ର ମହାନ୍ତ, ଡମ୍ବରୁଧର ମହାନ୍ତ, ପ୍ରଫୁଲ୍ଲ ବେଜ୍‌ଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଯୋଗ ଗୁରୁ ଶିଳିନାଥ ମହାନ୍ତ ଯୋଗ ଦ୍ୱାରା ଶରୀରକୁ ନିରୋଗ ରଖିବା ପାଇଁ କେତେକ ଉପାଦେୟ ଯୋଗାସନ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ତଥା କବି କଳ୍ପତରୁ ମିଶ୍ର, ବ୍ୟଙ୍ଗକବି ଭରତ ଚନ୍ଦ୍ର ସାହୁ, ଶତ୍ରୁଘନ ମହାନ୍ତ ଓ ହରିହର ମହାନ୍ତଙ୍କୁ ସଂଘ ତରଫରୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଭରତଚନ୍ଦ୍ର ସାହୁ ନିଜ ବକ୍ତବ୍ୟରେ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀମାନେ ସମାଜ ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରି ମହନୀୟ ଶିକ୍ଷକ ବୃତ୍ତିକୁ ଚରିତାର୍ଥ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ବିଦ୍ୟାଧର ମହାନ୍ତ, ଶିକ୍ଷକ ରାମଚନ୍ଦ୍ର ଦାଶ ଓ ପ୍ରସନ୍ନ କୁମାର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ଫରେଷ୍ଟର, ଫରେଷ୍ଟଗାର୍ଡ ନିଲମ୍ବିତ

## ହାତୀର ଗଳିତ ମୃତଦେହ ଜବତ ଘଟଣା

ନୀଳଗିରି, ୬।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟ ଅଧୀନ ମଙ୍ଗଳପୁର ବିଟ ହାତୀଖୁଲିଆ ସେକ୍ସନ ସାରୁଟୁଆ ନିକଟସ୍ଥ ସୁନାଖଣିରେ ଗତ ୩ ତାରିଖରେ ଏକ ହାତୀର ଗଳିତ ମୃତଦେହ ଜବତ କରାଯାଇଥିଲା। ହାତୀର ମୃତଦେହକୁ ବିଳମ୍ବରେ ଠାବ ଅଭିଯୋଗରେ ବାଲେଶ୍ୱର ବନବିଭାଗ ହାତୀଖୁଲିଆ ବିଟର ଫରେଷ୍ଟର ପଦ୍ମାବତୀ ବେହେରା ଓ ଫରେଷ୍ଟ ଗାର୍ଡ ପ୍ରମିଳା ସେଣଙ୍କୁ ନିଲମ୍ବନ କରିଛି। ହାତିଖୁଲିଆ ସେକ୍ସନର ଫରେଷ୍ଟର ଭାବେ ଜୟନ୍ତ କୁମାର ପ୍ରଧାନ, ହାତୀଖୁଲିଆ ବିଟ୍‌ର ଫରେଷ୍ଟଗାର୍ଡ଼ ମନୋହର ସିଂ ଓ ଆୟୁଷ୍ମାନ ପଣ୍ଡାଙ୍କୁ ମଙ୍ଗଳପୁର ବିଟ୍‌ର ଫରେଷ୍ଟଗାର୍ଡ ଭାବେ ନୂଆ କରି ନିଯୁକ୍ତି ଦିଆଯାଇଛି। କୁଲଡିହା ଅଭୟାରଣ୍ୟରେ ପାଖାପାଖି ୧୦୦ ହାତୀ ରହୁଥିବା ବେଳେ ପ୍ରତିଦିନ ସ୍ଥାନୀୟ ବନ କର୍ମଚାରୀମାନେ ପାଟ୍ରୋଲିଂ କରିଥାନ୍ତି। ଏପରିସ୍ଥଳେ ୨୦ଦିନ ହେବ ଏକ ହାତୀର ଗଳିତ ମୃତଦେହ ପଡିଥିବା ବନବିଭାଗ ଜାଣି ନ ପାରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜ୍ଞାନୀ ବ୍ୟକ୍ତି ହିଁ ସମାଜରେ ପ୍ରକୃତ ଧନୀ

## ଖଇରା ହାଇସ୍କୁଲରେ ସାମ୍ବତ୍ସରିକ ପୁରସ୍କାର ବିତରଣ

ଖଇରା, ୬।୧(ଉତ୍କଳବନ୍ଧୁ ପଣ୍ଡା)



ଅତିଥି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ବାଲେଶ୍ୱର ଜିଲା ଅଧୀନ ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ୭୯ତମ ସାମ୍ବତ୍ସରିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରୂପାନ୍ତୀକରଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରତି ଅଧିକ ଉତ୍ସାହିତ କରିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ କାଳିପଦ ପଣ୍ଡା ଯୋଗଦେଇ ବିଦ୍ୟା ଠାରୁ ବଳି ସଂସାରରେ କୌଣସି ସମ୍ପଦ ନାହିଁ। ଜ୍ଞାନୀବ୍ୟକ୍ତି ହିଁ ସଂସାରର ପ୍ରକୃତ ଧନୀ ବୋଲି ପ୍ରକାଶ କରିଥିଲେ। ବିଆରସିସି ଗୌରାଙ୍ଗ ମହାପାତ୍ର ଯୋଗ ଦେଇଥିବା ବେଳେ ଅତିଥି ଭାବେ ଖଇରା ପଞ୍ଚାୟତ ସମିତିସଭ୍ୟା ନର୍ମଦା ଦେଓ, ସରପଞ୍ଚ ମାଳତୀ ସେଠୀ, ପୁରାତନ ଛାତ୍ର ସଂସଦ ସଭାପତି ମୁକ୍ତିକାନ୍ତ ଶତପଥୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶିମିଳିପାଳରେ କୁମ୍ଭୀର ଗଣନା ଆରମ୍ଭ

ବାରିପଦା,୬।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ତଥା ଅଭୟାରଣ୍ୟରେ କୁମ୍ଭୀର ଗଣନା ଶନିବାରଠାରୁ ଆରମ୍ଭ ହୋଇଛି। ୨ ଦିନ ଧରି ବିଭିନ୍ନ ନଦୀ ଓ ନାଳଗୁଡ଼ିକରେ ଏହି ଗଣନା କରାଯିବ। ଗଣନା କାର୍ଯ୍ୟରେ ୨୦୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅଭୟାରଣ୍ୟ ମଧ୍ୟରେ ଥିବା ୮ ନଦୀର ୨୬ଟି ବିସ୍ତାରିତ ଜଳାଶୟ ସ୍ଥାନରେ ଏହି ଗଣନା କାର୍ଯ୍ୟ ଜାରି ରହିଛି। ପଶ୍ଚିମ ଦେଓ ନଦୀ, ବୁଢ଼ାବଳଙ୍ଗ, ଖଇରୀ, ସାଲନ୍ଦୀ, ଖଡ଼ଖାଇ ନଦୀ, ପୂର୍ବ ଦେଓ ନଦୀ, ଖଡ଼ଖାଇ ନାଳ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଠକଠକି ନଦୀରେ ଏହି ଗଣନା କାର୍ଯ୍ୟ ଚାଲୁ ରହିଛି।

# ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ




ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

ବାରିପଦା,୬।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଭବନ ସମ୍ମିଳନୀ କକ୍ଷ ପରିସରରେ ମୟୂରଭଞ୍ଜ ଜିଲା ଭାଜପା (ପୂର୍ବ ସଂଗଠନ) ଆଦିବାସୀ ମୋର୍ଚ୍ଚା ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟ ଦଳର ଶତାଧିକ ମହିଳା ଓ ପୁରୁଷ ଭାଜପାରେ ସାମିଲ ହୋଇଥିଲେ। ଜିଲାର ୧୪ଟି ବ୍ଲକରୁ ଆସିଥିବା ଅନ୍ୟ ଦଳର ଏହି କର୍ମୀଙ୍କୁ କେନ୍ଦ୍ରମନ୍ତ୍ରୀ ତଥା ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ ଦଳୀୟ ଉତ୍ତରୀୟ,ଟୋପି ପିନ୍ଧାଇବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବ ଆଗାମୀ ଦିନରେ ଦଳୀୟ ସଂଗଠନକୁ ମଜଭୁତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି।

# ୧୮ରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା

## ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜିଲା ପ୍ରଶାସନର ପ୍ରସ୍ତୁତି




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଭଦ୍ରକ, ୬।୧(ସନାତନ ରାଉତ)

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲା ସଂସ୍କୃତି ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ କାର୍ଯ୍ୟକ୍ରମର ଆବାହକ ତଥା ସଂଯୋଜକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ବିବରଣୀ ଉପସ୍ଥାପନ କରିଥିଲେ। ଆସନ୍ତା ୧୮ ରୁ ୨୦ ତାରିଖ ମଧ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ। ଭଦ୍ରକ କଲେଜ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ବର୍ଣ୍ଣାଢ୍ୟ ପରିବେଶରେ ପାଳନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର ଓ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ବୈଠକରେ ଯୋଗ ଦେଇଥିଲେ।

# ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ମୋରଡ଼ା,୬।୧(ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ ପଡ଼ିଆରେ ଏକ ଦିବସୀୟ ଦିବାରାତ୍ର ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଚିତ୍ରଡ଼ା ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଜେନା ଫାଇଟର ଏବଂ ରାଜପୁତ କିଙ୍ଗ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଜେନା ଫାଇଟର ଚାମ୍ପିୟନ ହୋଇଥିଲା। ଚିତ୍ରଡ଼ା ଲ୍ୟାମ୍ପ୍‌ସ ଡାଇରେକ୍ଟର ବୀରପ୍ରତାପ ଶମ୍ଭୁନାରାୟଣ ରାଠୋର ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଦୀପକ କୁମାର ବେହେରା, ବିଷ୍ଣୁ ଜେନା, ରୋହିତ ରାୟବାବୁ, ଟୁଲୁ ଦାସ ଏବଂ ଅନ୍ୟମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ରାହଗିରିରେ ସଡ଼କ ସୁରକ୍ଷା ସଚେତନତା

କେନ୍ଦୁଝର,୬।୧(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)



ପଥପ୍ରାନ୍ତ ନାଟକରେ ଟାଉନ ଥାନା ଅଧିକାରୀଙ୍କୁ ଯମ ଅଟକାଇଛନ୍ତି।

ସଡ଼କ ସୁରକ୍ଷା ସପ୍ତାହ ଅବସରରେ କେନ୍ଦୁଝର ସହରର ପାର୍କ ଲାଇନ ରାସ୍ତାରେ ଶୁକ୍ରବାର ରାହଗିରି ଓ ପଥପ୍ରାନ୍ତ ନାଟକ କରି କେନ୍ଦୁଝର ଜନସାଧାରଣଙ୍କୁ ପୋଲିସ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରାସ୍ତା ଉପରେ ମୁରୁଜ ତଥା ଝୋଟି ମାଧ୍ୟମରେ ସଡ଼କ ସୁରକ୍ଷାର ବାର୍ତ୍ତା ଦିଆଯାଇଥିଲା। କେନ୍ଦୁଝର ଟାଉନ ଥାନାର ଅଧିକାରୀ ସୁନୀଲ କୁମାର କର ପଥପ୍ରାନ୍ତ ନାଟକରେ ଅଭିନୟ କରି ଏକ ବେପରୁଆ ତଥା ମଦୁଆ ଗାଡ଼ି ଚାଳକର ଚରିତ୍ରକୁ ଖୁବ୍ ସୁନ୍ଦର ଭାବରେ ପରିବେଷଣ କରି ଦର୍ଶକଙ୍କ ମନ ଜିଣିପାରିଥିଲେ। ସେହିପରି ବିଭିନ୍ନ ସଚେତନତା ମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ନୀତିନ କୁସଲକର ଦାଗୁଡୁ, ଆରଟିଓ କେନ୍ଦୁଝର ଗୋପାଳ କୃଷ୍ଣ ଦାସ, ଜିଲା ପରିଷଦର ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ପୌର ନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, କେନ୍ଦୁଝର ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଟାଉନ ଥାନା ଅଧିକାରୀ ସୁନୀଲ କର ଉପସ୍ଥିତ ରହି ସୁରକ୍ଷା ପାଇଁ ବିଭିନ୍ନ ଉପଦେଶ ଦେଇଥିଲେ। ଶେଷରେ ଅତିଥିମାନେ କେନ୍ଦୁଝର ସହରର ଅଡିଟରିୟମଠାରେ ସଡକ ସୁରକ୍ଷା ସପ୍ତାହ ପାଇଁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

